## ସଂକ୍ଷେପରେ

### ଏକକ ପିଜି ପ୍ରବେଶିକା ପରୀକ୍ଷା ଲିପ୍‌ସାରାଣୀ ଓଡ଼ିଆ ଟପ୍ପର



**ଢେଙ୍କାନାଳ ଅଫିସ, ୨୨।୧୧:** ରାଜ୍ୟରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଓଡ଼ିଆ ବିଭାଗରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଲିପ୍‌ସାରାଣୀ ସାହୁ ୭୦% ନମ୍ବର ରଖି ସମଗ୍ର ରାଜ୍ୟରେ ଶୀର୍ଷସ୍ଥାନ ହାସଲ କରିଥିବା ବିଭାଗୀୟ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଲିପ୍‌ସାରାଣୀଙ୍କ ଏହି କୃତିତ୍ୱ ପାଇଁ କଲେଜ ଅଧକ୍ଷା ରଶ୍ମି ମିଶ୍ରଙ୍କ ସମେତ ଓଡ଼ିଆ ବିଭାଗର ଅଧାପିକାଅଧାପକ ଅଭିନନ୍ଦନ ଜଣାଇଛନ୍ତି। ଲିପ୍‌ସାରାଣୀଙ୍କ ସମେତ କଲେଜର ଅନ୍ୟ ୫ ଛାତ୍ରୀଛାତ୍ର ଓଡ଼ିଆ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

### ପାଣି ପାଇଁ ମୁହାଁମୁହିଁ: ୨ ଆହତ, ୨ ଗିରଫ

**ଭାପୁର, ୨୨।୧୧(ଡି.ଏନ.ଏ.):** ଢେଙ୍କାନାଳ ସଦର ବ୍ଲକ ଭାପୁର ଫାଣ୍ଡି ଅଧୀନ ଗଞ୍ଜେଇଡ଼ିହ ଗ୍ରାମରେ କୂଅ ପାଣି ବ୍ୟବହାରକୁ ନେଇ ରବିବାର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପ୍ରତିପକ୍ଷଙ୍କ ଆକ୍ରମଣରେ ଶ୍ୟାମସୁନ୍ଦର ଧଳ ଏବଂ ତାଙ୍କ ପୁଅ ସନ୍ତୋଷ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଅକ୍ରୁର ଧଳ ଏବଂ ଦେବ ପ୍ରସାଦ ଧଳଙ୍କୁ ଗିରଫ କରାଯାଇଛି। ସଦର ଥାନାରେ ନଂ. ୫୬୪/୨୦ରେ ଏକ ମାମଲା ରୁଜୁ ହୋଇଛି। ଘଟଣା ପରେ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିଲା। ପୋଲିସ ଫୋର୍ସ ମୁତୟନ ପରେ ପରିସ୍ଥିତି ଶାନ୍ତ ଥିବା ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଘଡ଼େଇ ସୂଚନା ଦେଇଛନ୍ତି। ଉକ୍ତ କୂଅ ପାଣିକୁ ନେଇ ପୂର୍ବରୁ ବିବାଦ ଲାଗି ରହିଥିବାବେଳେ ରବିବାର ଘଟଣା ଉଗ୍ର ରୂପ ନେଇଥିଲା।

### ୧୧ ଆକ୍ରାନ୍ତ, ୨୪ ସୁସ୍ଥ

**ଢେଙ୍କାନାଳ ଅଫିସ, ୨୨।୧୧:** ଢେଙ୍କାନାଳ ଜିଲାରୁ ରବିବାର ୧୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଚିକିତ୍ସା ପରେ ୨୪ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୫୫୬୮ ଏବଂ ସୁସ୍ଥଙ୍କ ସଂଖ୍ୟା ୫୪୨୩ ହୋଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଁଦିଆ ବ୍ଲକର ୪, କାମାକ୍ଷାନଗର ବ୍ଲକର ୩ ଜଣ ଅଛନ୍ତି। ସେହିପରି ସଦର ବ୍ଲକ, କଙ୍କଡ଼ାହାଡ଼ ବ୍ଲକ, ପରଜଙ୍ଗ ବ୍ଲକ ଏବଂ ଢେଙ୍କାନାଳ ପୌରାଞ୍ଚଳରୁ ଜଣେ ଲେଖାଏଁ ରହିଛନ୍ତି। ସମସ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି।

### ବନପାଳଙ୍କୁ ମାର୍‌ପିଟ୍, ଅଭିଯୁକ୍ତ ଗିରଫ

**କଣିହାଁ, ୨୨।୧୧(ଡି.ଏନ.ଏ.):** କଣିହାଁ ବ୍ଲକ ବନାଞ୍ଚଳ ଅଧୀନ ହନୁମାନପୁର ସେକ୍ସନର ବନପାଳ ଅରୁଣ ପ୍ରଧାନଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ହନୁମାନପୁର ଗ୍ରାମର ମୋହନ ନାୟକ (୩୫)। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନା ମୁତାବକ, ହାତୀ ଦ୍ୱାରା ଧାନ ଫସଲ ନଷ୍ଟ ହୋଇଥିବାରୁ କ୍ଷତିପୂରଣ ଦାବି କରି ମୋହନ ଶନିବାର ବନପାଳଙ୍କ କାର୍ଯ୍ୟାଳୟ ସମେତ ବାସଭବନରେ ପଶି ଅରୁଣଙ୍କୁ ମାଡ଼ ମାରିଥିଲେ। ଆହତ ଅରୁଣ ଚିକିତ୍ସିତ ହୋଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୨୩୬/୨୦ରେ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### ୬୦ ୟୁନିଟ୍ ରକ୍ତ ସଂଗ୍ରହ

**କଣିହାଁ, ୨୨।୧୧(ଡି.ଏନ.ଏ.):** କଣିହାଁ ବ୍ଲକ ଛେଲିଆ ଗ୍ରାମରେ ରବିବାର 'ପ୍ରୟାସ କ୍ଲବ' ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଯୁବନେତା ସନ୍ତୋଷ ପ୍ରଧାନ, ସୁନୀଲ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସଭାପତି ଯିଶୁଖ୍ରୀଷ୍ଟ ସାହୁ, ସମ୍ପାଦକ ସୁବ୍ରତ ବେହେରା, ପ୍ରଶାନ୍ତ ସାହୁ, ପ୍ରଭୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ବଳରାମ ପତି, ବିଜୟଲକ୍ଷ୍ମୀ ନାୟକ, ଲକ୍ଷ୍ମଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରୋଗ ବାଣ୍ଟୁଛି 'ରଗଡ଼ି'

(ବିପିନ ବିହାରୀ ସେଠୀ)
ଭୁବନ, ୨୨।୧୧



ପରିତ୍ୟକ୍ତ ହୋଇପଡ଼ିଥିବା ରଗଡ଼ି ନାଳ।

- ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଚେତା ପଶୁନି
- ଭୁଶୁଡ଼ି ପଡ଼ିଛି ଡ୍ରେନେଜ୍ ବ୍ୟବସ୍ଥା
- ନାଳରେ ମିଶୁଛି ଦୂଷିତ ନର୍ଦ୍ଦମା ପାଣି
- ୧୦ବର୍ଷ ହେଲା ସମସ୍ୟାରେ ୭ ୱାର୍ଡବାସୀ

ଭୁବନ ଅଞ୍ଚଳବାସୀଙ୍କ ଭାବାବେଗ ସହିତ ଜଡ଼ିତ ରଗଡ଼ିନାଳ ଏବେ ପରିତ୍ୟକ୍ତ। ଭୁଶୁଡ଼ି ପଡ଼ିଥିବା ଡ୍ରେନେଜ୍ ବ୍ୟବସ୍ଥା ପାଇଁ ନାଳରେ ସିଧାସଳଖ ମିଶୁଛି ସାରା ସହରର ଦୂଷିତ ଆବର୍ଜନା ଜଳ। ଫଳରେ ଏକଦା ଅଞ୍ଚଳର ହଜାର ହଜାର ଲୋକଙ୍କ ଶୋଷ ମେଣ୍ଟାଉଥିବା ସହର ଉପକଣ୍ଠର ଏହି ଜଳଉତ୍ସ ଏବେ ମଶା, ଡାଆଁଶଙ୍କ ଘର ପାଲଟି ରୋଗ ବାଣ୍ଟୁଛି।

ବ୍ରାହ୍ମଣୀ ନଦୀର ଶାଖା ରଗଡ଼ି ନାଳ ଏକଦା ସାଜିଥିଲା ଭୁବନ ଏନ୍‌ଏସିବାସୀଙ୍କ ଜୀବନରେଖା। ସମସ୍ତ ୧୫ ୱାର୍ଡର ଲୋକ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବରେ ଏହା ଉପରେ ନିର୍ଭର କରୁଥିଲେ। ବିଭିନ୍ନ ମେଳା ମହୋତ୍ସବ, ଜାନିଯାତ୍ରାରେ ଏଠାରୁ ପାଣି ଅଣାଯାଇ ପୂଜାର୍ଚ୍ଚନା କରାଯାଉଥିଲା। ତେବେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଡ୍ରେନେଜ୍ ବ୍ୟବସ୍ଥା, ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ଦାୟିତ୍ୱହୀନତାରୁ ରଗଡ଼ି ନାଳ ଆବର୍ଜନାକୁଣ୍ଡରେ ପରିଣତ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ଏନ୍‌ଏସିର ୧୫ ୱାର୍ଡରେ ମୋଟ ୧୫ କିମି ଦୀର୍ଘ ଡ୍ରେନ୍ ନିର୍ମାଣ କରାଯାଇଛି। ନର୍ଦ୍ଦମା ସଫେଇ, ଆବର୍ଜନା ପରିଚାଳନା ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ବ୍ୟବସ୍ଥା ତଦାରଖ କରିବା ଲାଗି ଘରୋଇ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏଥିଲାଗି ବାର୍ଷିକ ୭୦ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଯାଉଛି। ଠିକାସଂସ୍ଥା ସୁପରଭାଇଜରଙ୍କ ଜରିଆରେ ତଦାରଖ କରୁଥିଲେ ମଧ୍ୟ ସବୁକାମ ଚଳାରେ ଚାଲିଛି। ନିୟମିତ ମଶାତେଲ ସିଞ୍ଚନ ହେଉନି କି ବ୍ଲିଚିଂ ମୁଠାଏ ପଡୁନି। ଏନ୍‌ଏସି ଅନ୍ତର୍ଗତ ୨ ଏବଂ ୩ନଂ. ୱାର୍ଡରେ ଥିବା ଡ୍ରେନ୍ ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ନର୍ଦ୍ଦମା ଜଳ ସିଧାସଳଖ ରଗଡ଼ି ନାଳରେ ମିଶୁଛି। ଏହି କାରଣରୁ ଦୀର୍ଘ ୧୦ ବର୍ଷ ହେଲା ୧, ୫, ୬, ୭, ୮, ୧୪ ଏବଂ ୧୫ନଂ. ୱାର୍ଡର ଲୋକେ ଗାଧୁଆ ପାଧୁଆରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳର ଭୂତଳ ଜଳସ୍ତର କମିଯାଉଥିବାରୁ ଖରାଦିନେ ଜଳସଙ୍କଟ ଉତ୍କଟ ହେଉଛି। କୂଅ, ପୋଖରୀ ପାଣି ରସାତଳକୁ ଚାଲିଯାଉଛି। ଏବେ ନିତ୍ୟ ବ୍ୟବହାରରେ ଆସୁଥିବା ରଗଡ଼ି ନାଳ ପାଣି ଅତିମାତ୍ରାରେ ପ୍ରଦୂଷିତ ହୋଇଯାଇଥିବାରୁ ସମସ୍ୟା ଆହୁରି ବଢ଼ିଛି। ଦୂଷିତ ଜଳ ମଶାବଂଶ ବଢ଼ିବାରେ ସହାୟକ ହେଉଥିବାବେଳେ ସଂକ୍ରାମକ ରୋଗ ବ୍ୟାପୁଛି। ନାଳକୁ ପୁନରୁଦ୍ଧାର କରିବା, ଡ୍ରେନେଜ୍ ମରାମତି ସହ ଉନ୍ନତମାନର ଭୂତଳ ସ୍ୱେରେଜ ବ୍ୟବସ୍ଥା କରିବାକୁ ଦୀର୍ଘଦିନରୁ ଦାବି ହେଉଥିଲେ ମଧ୍ୟ ଏନ୍‌ଏସି କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରି ଚାଲିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ସମସ୍ୟା ସମାଧାନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ସମସ୍ୟା ସମ୍ପର୍କରେ କନିଷ୍ଠଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ କୁହନ୍ତି, ଠିକା ସଂସ୍ଥା ଠିକ୍ ଭାବେ ଦାୟିତ୍ୱ ତୁଲାଉଛି। ଅଭିଯୋଗ ଆସିଲେ ତାହାର ତୁରନ୍ତ ସମାଧାନ କରାଯାଉଛି। ଏନ୍‌ଏସିରେ ଦୀର୍ଘସ୍ଥାୟୀ ସ୍ୱେରେଜ୍ ସହ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରିବାକୁ ଯୋଜନା ଅଛି। ଏହା କାର୍ଯ୍ୟକ୍ଷମ ହେଲେ ରଗଡ଼ି ନାଳରେ ଦୂଷିତ ପାଣି ମିଶିବ ନାହିଁ ବୋଲି ସେ କହିଛନ୍ତି।

#### ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଯାଉ



"ଭୁବନକୁ ଏନ୍‌ଏସି ମାନ୍ୟତା ମିଳିବାର ୪୮ବର୍ଷ ପରେ ବି ସରକାରୀ ଯୋଜନା ଲୋକଙ୍କ କାମରେ ଆସୁନାହିଁ। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ୍ରେନ୍ ପାଣି ରଗଡ଼ି ନାଳରେ ମିଶୁଛି। ଏହାକୁ ବ୍ୟବହାର କରୁଥିବା ଲୋକେ ବେମାରରେ ପଡୁଛନ୍ତି। ସ୍ୱେରେଜ ବ୍ୟବସ୍ଥା ଏବଂ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଗଲେ ସମସ୍ୟାର ସମାଧାନ ହୋଇପାରନ୍ତା।
-ବାସୁଦେବ ବେହେରା, ସହର ସଙ୍ଗଠନ ସଭାପତି

#### ଅଣନିଃଶ୍ୱାସୀ କରୁଛି ମଶା ଉପଦ୍ରବ



"ଭୁବନ ଏନ୍‌ଏସିର ୨ ଏବଂ ୩ ନଂ. ୱାର୍ଡର ସମସ୍ତ ଡ୍ରେନ୍ ପୋତି ହୋଇଯାଇଛି। ସପ୍ତାହକୁ ଲୋକଦେଖାଣିଆ ଭାବେ ସଫେଇ କରାଯାଉଛି। ନର୍ଦ୍ଦମା ଜଳ ଯୋଗୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ମଶା ଉପଦ୍ରବ ଅଣନିଃଶ୍ୱାସୀ କରୁଛି। ମଶାତେଲ ଠିକ୍ ଭାବେ ସିଞ୍ଚନ କରାଯାଉ ନାହିଁ। ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଲେ ସମସ୍ୟା ସୁଧାର ହେବ।
-ନରେନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ

#### ସମସ୍ୟା ସୀମା ଟପିଲାଣି



"ସହରାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଲାଗି ସରକାର ଲକ୍ଷାଧିକ ଟଙ୍କା ଅନୁଦାନ ଦେଉଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ ମଧ୍ୟ ଟିକସ ଆଦାୟ କରୁଛନ୍ତି। ବିଭାଗୀୟ ଅଧିକାରୀ ଏବଂ ପରିମଳ ଦାୟିତ୍ୱରେ ଥିବା ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁ ସବୁକାମ ନିମ୍ନମାନର ହେଉଛି। ସମସ୍ୟା ସୀମା ଟପିଲାଣି। ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ।
-ବିନୋଦ କୁମାର ମହାରଣା, ସାମାଜିକ କର୍ମୀ

#### ମନମୁଖି କାର୍ଯ୍ୟ କରୁଛି ଠିକାସଂସ୍ଥା



"ସହରର ପରିମଳ ବ୍ୟବସ୍ଥା ସଜାଡ଼ିବାକୁ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏଥିରେ ବାର୍ଷିକ ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ଠିକାସଂସ୍ଥା ମନଇଚ୍ଛା କାର୍ଯ୍ୟ କରୁଛି। ମଶାତେଲ, ବ୍ଲିଚିଂ ସିଞ୍ଚନ ସ୍ୱପ୍ନ ପାଲଟିଛି। ମଶାବଂଶ ବୃଦ୍ଧି ଯୋଗୁ ସଂକ୍ରାମକ ରୋଗ ବଢ଼ିବାରେ ଲାଗିଛି। ରଗଡ଼ି ନାଳ ପରିତ୍ୟକ୍ତ ହେବା ପଛରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଦାୟୀ।
-ଭବାନୀଶଙ୍କର ବେହେରା, ସାମାଜିକ କର୍ମୀ



ରାସୋଳରେ ପହଞ୍ଚିଥିବା ଭୁବନେଶ୍ୱର ସାଇକେଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବ୍‌ର ଅଭିଯାତ୍ରୀ ଦଳର ସଦସ୍ୟ

## ୨୦ ଘଣ୍ଟାରେ ୩୦୦ କି.ମି. ଲକ୍ଷ୍ୟ

ରାସୋଳ, ୨୨।୧୧(ଡି.ଏନ.ଏ.)

**ଅଭିଯାନରେ ୫୦ ସାଇକେଲ ଅଭିଯାତ୍ରୀ**

ସାଇକେଲରେ ପରିବେଶ ସଚେତନତା ବାର୍ତ୍ତା। ଲକ୍ଷ୍ୟ ୨୦ଘଣ୍ଟାରେ ୩୦୦ କିଲୋମିଟର ଯାତ୍ରା। ଏପରି ସଚେତନଧର୍ମୀ କାର୍ଯ୍ୟରେ ସାମିଲ ହୋଇଛନ୍ତି ଭୁବନେଶ୍ୱର ସାଇକେଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବ୍ (ବିସିଏସି)ର ୫୦ ଜଣିଆ ଟିମ୍। ରବିବାର ପ୍ରାତଃ ସାଢ଼େ ୫ଟାରେ କ୍ଲବର ସଭାପତି ସଞ୍ଜୀବ ପଣ୍ଡାଙ୍କ ନେତୃତ୍ୱରେ ଭୁବନେଶ୍ୱର ୟୁନିଟ୍ ୬ରୁ ବାହାରି ପିପିଲି, ଦାଣ୍ଡମୁକୁନ୍ଦପୁର, କଟକ, ଧବଳେଶ୍ୱର, ଆଠଗଡ଼, ହିନ୍ଦୋଳ ଦେଇ ୭ଘଣ୍ଟାରେ ୧୪୦ କିଲୋମିଟର ଦୂରତ୍ୱ ଅତିକ୍ରମ କରି ରାସୋଳରେ ପହଞ୍ଚିଥିଲେ। ଏହାପରେ ହିନ୍ଦୋଳ, ନରସିଂହପୁର, ଅଂଶୁପା, ଜାତମୁଣ୍ଡିଆ, ତ୍ରିଶୂଳିଆ ଦେଇ ରାତି ସାଢ଼େ ୧ଟାରେ ଭୁବନେଶ୍ୱର ଶହୀଦନଗରରେ ପହଞ୍ଚିବା ଲକ୍ଷ୍ୟ ରହିଥିବା ରାଇଡ୍ ମାର୍ଶାଲ ସନ୍ତୋଷ ରାଉତ ଏବଂ କ୍ଲବ ସମ୍ପାଦକ ଅଜୟ କୁମାର ନନ୍ଦ ସୂଚନା ଦେଇଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଦୀର୍ଘପଥ ଅତିକ୍ରମ କରୁଥିବା ଏପରି ଦ୍ରୁତ ସାଇକେଲ ଚାଳନାକୁ 'ବ୍ରେଭେ' କୁହାଯାଏ। ଏହା ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ। ପ୍ୟାରିସ୍‌ରେ ଅବସ୍ଥିତ 'ଅଡାକ୍ସ କ୍ଲବ ପାରିଜିଏନ' ଏହାର ପରିଚାଳନା କରିଥାଏ ବୋଲି ସଭାପତି ସୂଚନା ଦେଇଛନ୍ତି।

# ଫସଲ ଜଗିଛି 'ଐରାବତ'

ଢେଙ୍କାନାଳ ଅଫିସ, ୨୨।୧୧

- ହାତୀ ଘଉଡ଼ାଉଛି ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ଯାନ
- ସାଇରନ୍ ଶବ୍ଦରେ ଜମି ପାଖ ମାଡୁନାହାନ୍ତି
- ନିୟୋଜିତ ହୋଇଛନ୍ତି ୫୦ କର୍ମଚାରୀ, ସ୍କ୍ୱାଡ୍

ନାଁ ତା'ର 'ଐରାବତ'। ହାତୀ ନୁହେଁ, କିନ୍ତୁ ହାତୀପଲକୁ କ୍ଷେତଠାରୁ ଦୂରେଇ ରଖେ। ତାହାର ଉପସ୍ଥିତିରେ ନିର୍ଭୟ ହୋଇଛନ୍ତି ଚାଷୀକୁଳ। ଫସଲ ସୁରକ୍ଷା ଚିନ୍ତାରେ ସେମାନଙ୍କୁ ଜମିରେ ରାତି କଟାଇବାକୁ ପଡୁନି କି ହାତୀ ଆକ୍ରମଣର ଭୟ ବି ରହୁନି। କାରଣ ଆଧୁନିକ ଉପକରଣରେ ସମୃଦ୍ଧ ଯାନ 'ଐରାବତ' ଏବେ ଢେଙ୍କାନାଳର ହାତୀ ଉପଦ୍ରୁତ ଅଞ୍ଚଳରେ ଫସଲକୁ ଦେଉଛି ସୁରକ୍ଷା।

ଐତିହ୍ୟ ପ୍ରାଣୀ ହାତୀକୁ ନେଇ ଚର୍ଚ୍ଚିତ ଢେଙ୍କାନାଳ। ହେଲେ ଜିଲାରେ ହାତୀ ପାଇଁ କ୍ଷୟକ୍ଷତି ଏବଂ ହାତୀ-ମଣିଷ ସଂଘର୍ଷ ବି କିଛି କମ୍ ନୁହେଁ। ହାତୀ ପାଇଁ ଘଡ଼ିଏରେ ଉଜୁଡ଼ିଯାଉଛି ଶସ୍ୟଶ୍ୟାମଳ କ୍ଷେତ। ଫସଲ ଅମଳ ସମୟରେ ବାହାର ଜିଲାରୁ ପଶି ଆସୁଥିବା ହାତୀଙ୍କ ଉପଦ୍ରବରେ ନୟାନ୍ତ ହେଉଛନ୍ତି ଚାଷୀ। କର୍ମଚାରୀ ଅଭାବରୁ ହାତୀଙ୍କୁ ଘଉଡ଼ାଇବା ସମ୍ଭବପର ହେଉନାହିଁ। ତେଣୁ ଜିଲାରେ ଫସଲ କ୍ଷୟକ୍ଷତି ଏଡ଼ାଇବା ଏବଂ ହାତୀ-ମଣିଷ ସଂଘର୍ଷ କମାଇବାକୁ ଗତ ଅକ୍ଟୋବରରେ ରାଜ୍ୟ ବନ ବିଭାଗ ପକ୍ଷରୁ ୨୧ ଲକ୍ଷ ଟଙ୍କାର ଏହି 'ଐରାବତ' ଯାନକୁ ଢେଙ୍କାନାଳ ବନଖଣ୍ଡକୁ ପ୍ରଦାନ କରାଯାଇଛି।

ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମହାବିରୋଡ ରେଞ୍ଜରେ ପ୍ରାୟ ୧୫୦ ହାତୀ ଉପସ୍ଥିତି ଜାହିର କରିଛନ୍ତି। କେବଳ ପରଜଙ୍ଗର ଡମୋଳ ସମେତ ଆଖପାଖ ଅଞ୍ଚଳରେ ୭୦ ହାତୀ ଅଛନ୍ତି। ଚଳିତବର୍ଷ ଭଲ ଧାନ ଚାଷ ହୋଇଥିବାରୁ ସେମାନେ ଫସଲ ଉପରେ ନଜର ପକାଇଛନ୍ତି। ହେଲେ ବନ ବିଭାଗ ପକ୍ଷରୁ ନିୟୋଜିତ ଅତ୍ୟାଧୁନିକ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ଯାନ 'ଐରାବତ' ପାଇଁ ଫସଲ ନଷ୍ଟ କରିବାକୁ ହାତୀପଲ ସୁଯୋଗ ପାଇପାରୁନାହାନ୍ତି। ୫୦ ବନ କର୍ମଚାରୀ, ଏଲିଫ୍ୟାଣ୍ଟ ସ୍କ୍ୱାଡ୍‌ର ସଦସ୍ୟ ଦିନରାତି ହାତୀଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି। 'ଐରାବତ'ରେ ଆଧୁନିକ ସରଞ୍ଜାମ ଖଞ୍ଜାଯାଇଛି। ସେଥିରେ ଲାଗିଥିବା ସାଇରନ୍ ଖୁବ୍ ଜୋରରେ ବାଜିବା ଫଳରେ ହାତୀପଲ ଭୟରେ ଜମି ପାଖ ମାଡୁନାହାନ୍ତି। ରାତିରେ ଜେନେରେଟର ସହାୟତାରେ ବଡ଼ ଟର୍ଚ୍ଚ ଲାଇଟ୍ ଚାର୍ଜ କରାଯାଇ ହାତୀଙ୍କ ଉପସ୍ଥିତି ଉପରେ ନଜର ରଖାଯାଉଛି। ଏବେ ହାତୀ ଗୋଟିଏ ସ୍ଥାନରେ ଦଳବଦ୍ଧ ହୋଇ ରହିଛନ୍ତି। ଜମିରେ ପଶିବାକୁ ସୁଯୋଗ ମିଳୁ ନ ଥିବାରୁ ସେମାନେ ବ୍ରାହ୍ମଣୀ ନଦୀ ପାରହୋଇ ପଡ଼ୋଶୀ ଜିଲାକୁ ଯିବାକୁ ଉଦ୍ୟମ କରୁଥିବା ଅଞ୍ଚଳବାସୀ କହିଛନ୍ତି।

'ଐରାବତ' ନିୟୋଜିତ ହେବା ପରେ ମହାବିରୋଡ ଅଞ୍ଚଳରେ ହାତୀ-ମଣିଷ ସଂଘର୍ଷ କମିଛି। ଗତବର୍ଷ ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବରେ ୮୦% ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଚାଷୀଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ବନ ବିଭାଗ ବିରୋଧରେ ଅସନ୍ତୋଷ ତୀବ୍ର ହୋଇଥିଲା। ତେବେ ଚଳିତବର୍ଷ 'ଐରାବତ' ଲାଗି ୫୦% ଫସଲ ସୁରକ୍ଷିତ ଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପ୍ରକାଶଚାନ୍ଦ ଗୁଗିନାନି କୁହନ୍ତି, ମହାବିରୋଡ଼ ଅଞ୍ଚଳରେ ଗତବର୍ଷ ହୋଇଥିବା ଫସଲ କ୍ଷତିପୂରଣ ଲାଗି ବନ ବିଭାଗ ପକ୍ଷରୁ ଚାଷୀଙ୍କୁ ୯୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ଚଳିତ ବର୍ଷ ସମ୍ପୃକ୍ତ ଅଞ୍ଚଳରେ ୫୦% ଧାନ ଫସଲ ହାତୀ ଉପଦ୍ରବରୁ ସୁରକ୍ଷିତ ରହିଛି। ଡମୋଳ ଅଞ୍ଚଳରେ 'ଐରାବତ' ସହ ୫୦ ବନ କର୍ମଚାରୀ ୭୦ ହାତୀଙ୍କୁ ଗୋଟିଏ ଜାଗାରେ ଅଟକାଇ ରଖିବାରେ ସଫଳ ହୋଇଛନ୍ତି।



ଉଚ୍ଚ ଶକ୍ତିସମ୍ପନ୍ନ ଲାଇଟ୍ ମାଧ୍ୟମରେ ବନ କର୍ମଚାରୀ ହାତୀଙ୍କ ଉପରେ ନଜର ରଖୁଛନ୍ତି।



ପରଜଙ୍ଗ ବ୍ଲକ ଡମୋଳ ଅଞ୍ଚଳରେ ନିୟୋଜିତ 'ଐରାବତ' ଯାନ ଏବଂ ବନ କର୍ମଚାରୀ।

## ଅଶ୍ଳୀଳ ଭିଡିଓ ପଠାଇ ଇଞ୍ଜିନିୟର ଗିରଫ

### ଫେସ୍‌ବୁକ୍‌ରେ ହୋଇଥିଲେ ଫ୍ରେଣ୍ଡ

**ଅନୁଗୋଳ ଅଫିସ, ୨୨।୧୧**

ଅନୁଗୋଳ ସହରର ଜଣେ ମହିଳାଙ୍କୁ ଅଶ୍ଳୀଳ ଭିଡିଓ ପଠାଇ ଜଣେ ଯୁବ ଇଞ୍ଜିନିୟର ଗିରଫ ହୋଇଛନ୍ତି। ସେ ହେଲେ ବାଲୁଙ୍ଗା ଅଞ୍ଚଳର ରଘୁନନ୍ଦନ ବେହେରା। ପୋଲିସ କହିଛି, ରଘୁନନ୍ଦନ ସରକାରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରନ୍ତି। ସେ ଏକ ହୋଟେଲରେ ରହୁଥିବା ବେଳେ ବୁଟିକ୍ କରିଥିବା ଅଭିଯୋଗକାରୀ ମହିଳାଙ୍କ ସହ ଫେସ୍‌ବୁକ୍‌ରେ ଫ୍ରେଣ୍ଡ ହୋଇଥିଲେ। ଡିଜାଇନ୍ ଡ୍ରେସ୍ କିଣିବାକୁ କହି ସେ ମହିଳାଙ୍କଠାରୁ ଫୋନ୍ ନମ୍ବର ମାଗିଥିଲେ। ପରେ ହ୍ୱାଟ୍ସଆପ୍‌ରେ ଅଶ୍ଳୀଳ ମେସେଜ୍, ଭିଡିଓ ପଠାଇବା ସହ କଥା ହେବାକୁ ବାଧ କରୁଥିବା ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଏପରି କି, କଥା ନ ଭିଡିଓ ଏଡିଟିଂ କରି ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏ ନେଇ ଗତ ୧୬ ତାରିଖରେ ଥାନାରେ ଅଭିଯୋଗ ହେବା ପରେ ରଘୁନନ୍ଦନଙ୍କୁ ଗିରଫ କରାଯାଇଛି।

## ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ଗିରଫ

**ଅନୁଗୋଳ ଅଫିସ, ୨୨।୧୧**

**୨ ଭାଇଙ୍କ ହତ୍ୟା ମାମଲା**

ଅନୁଗୋଳ ଥାନା ଅଞ୍ଚଳରେ ଗତ ୪ ତାରିଖ ସନ୍ଧ୍ୟାରେ ହତ୍ୟାକାଣ୍ଡ ଘଟିଥିଲା। ମୂଷାପାପୁଲି ଗ୍ରାମର ଦୁଇ ଭାଇ ଦୁଃଶାସନ ସେନାପତି ଓ ଦୁଷ୍ମନ୍ତ ସେନାପତିଙ୍କୁ ତାଙ୍କ ସମ୍ପର୍କୀୟ ୨ଭାଇ ଆକ୍ରମଣ କରିଥିଲେ। ଏଥିରେ ଦୁଃଶାସନ ଓ ଦୁଷ୍ମନ୍ତଙ୍କ ମୃତ୍ୟୁ ହୋଇଥିଲା। ଅଭିଯୋଗ ପରେ ପୋଲିସ ପ୍ରଥମେ ଅଭିଯୁକ୍ତ ସୁଜନ ସେନାପତି (୨୮)ଙ୍କୁ ଗିରଫ କରିଥିଲା। ଗତ ଶନିବାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ସେନାପତି (୩୨)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସନ୍ତୋଷଙ୍କ ନିକଟରୁ ପୋଲିସ ଏକ ଖଣ୍ଡା ଓ ବାଇକ୍ (ନଂ. ଓଆର-୧୯-ଏନ୍-୧୧୭୦) ଜବତ କରିଛି।

## ଦୁର୍ଘଟଣାରେ ୨ ଗୁରୁତର

**ଅନୁଗୋଳ ଅଫିସ, ୨୨।୧୧**

ଅନୁଗୋଳ ସହର ଇକୋ ପାର୍କ ନିକଟରେ ରବିବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳା ଓ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଦୁହିଁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ମହିଳା ଜଣକ ସ୍କୁଟି (ଓଡି ୩୩-ଏସ୍-୪୫୫୫)ରେ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାଉଥିବାବେଳେ ଯୁବକ ଜଣଙ୍କ ବାଇକ୍ (ନଂ. ଓଡି ୧୯-ଏଚ-୫୦୦୫)ରେ ବିପରୀତ ପାର୍ଶ୍ୱରୁ ଶିମିଳିପଡ଼ାକୁ ଯାଉଥିଲେ। ଭାରସାମ୍ୟ ହରାଇ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା।

